**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୭୪,୮୬,୦୮୪ | ୫୫,୫୫,୮୨୮ | ୨୬,୬୮,୯୨,୩୬୫ |
| ଭାରତ | ୩,୭୧,୨୨,୧୬୪ | ୪,୮୬,୦୯୪ | ୩,୫୦,୮୫,୭୨୧ |
| ଓଡ଼ିଶା | ୧୧,୩୩,୯୧୨ | ୮୪୮୧(+୫୩) | ୧୦,୬୦,୦୬୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଅଧିକାରୀଙ୍କୁ ପ୍ରାର୍ଥିପତ୍ର ଗ୍ରହଣ, ଯାଞ୍ଚ ସମ୍ପର୍କିତ ତାଲିମ



ରାୟଗଡ଼ ଅଫିସ, ୧୬।୧(ଡି.ଏନ୍.ଏ.) ରାୟଗଡ଼ ବ୍ଲକରେ ପ୍ରାର୍ଥିପତ୍ର ଗ୍ରହଣ ଓ ଯାଞ୍ଚ ପାଇଁ ଅଧିକାରୀଙ୍କୁ ବ୍ଲକ ସଦ୍ଭାବନା ଗୃହରେ ତାଲିମ ଦିଆଯାଇଛି। ରାୟଗଡ଼ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଏହି ତାଲିମ ପ୍ରଦାନ କରିଥିଲେ। ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ଏବିଡିଓ କାଳୁ ଚରଣ ନାୟକ, ସମ୍ବଳ ଶିକ୍ଷକ ନୀଳାଚଳ ମିଶ୍ର ଓ ଜିପିଇଓ ଗୋପାଳ ପଣ୍ଡା ଅଧିକାରୀଙ୍କ ସନ୍ଦେହ ଦୂରୀକରଣ ସହ ଫର୍ମ ପୂରଣ, ଏଥି ସମ୍ପର୍କିତ ବିଭିନ୍ନ ଧାରା ଓ ଉପଧାରାଗୁଡ଼ିକୁ ଆଲୋଚନା କରିଥିଲେ। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ତାରିଖ ଘୋଷଣା ପରେ ବିଭିନ୍ନ ସରକାରୀ ବିଭାଗ ତରଫରୁ ତତ୍ପରତା ଆରମ୍ଭ ହୋଇଯାଇଛି। ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ, ସରପଞ୍ଚ ଓ ୱାର୍ଡସଭ୍ୟ ନିମନ୍ତେ ଆସନ୍ତା ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ମନୋନୟନ ପତ୍ର ଗ୍ରହଣ କରାଯିବ। ଜିଲା ପରିଷଦ ସଭ୍ୟ ନିମନ୍ତେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ମନୋନୟନ ପତ୍ର ଗ୍ରହଣ କରାଯିବ। ସମିତି ସଭ୍ୟଙ୍କ ନିମନ୍ତେ ସମ୍ପୃକ୍ତ ପଞ୍ଚାୟତ ସମିତି ତଥା ସରପଞ୍ଚ ଓ ୱାର୍ଡ ସଭ୍ୟ ନିମନ୍ତେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପ୍ରାର୍ଥୀଙ୍କ ମନୋନୟନ ପତ୍ର ଗ୍ରହଣ କରାଯିବ। ୧୩ ଜାନୁୟାରୀରୁ ବ୍ଲକସ୍ତରରେ ବିଧିବଦ୍ଧ ବିଜ୍ଞାପନ ପ୍ରକାଶ ପାଇଛି। ଜାନୁୟାରୀ ୧୧ରୁ ଆଦର୍ଶ ଆଚରଣ ବିଧି ଲାଗୁ ହେବାପରେ ରାୟଗଡ଼ ବ୍ଲକ ଅଞ୍ଚଳରୁ ବିଭିନ୍ନ ସରକାରୀ ଯୋଜନା ଓ ରାଜନୈତିକ ବ୍ୟାନର, ପୋଷ୍ଟର ବାହାର କରାଯାଉଛି। ୨୨ ଜାନୁୟାରୀରେ ପ୍ରାର୍ଥିପତ୍ର ଯାଞ୍ଚ ଓ ୨୩ ତାରିଖ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୫ ଜାନୁୟାରୀରେ ପ୍ରାର୍ଥୀ ତାଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ବିଡିଓ ଲକ୍ଷ୍ମୀନାରାୟଣ ସାବତ କହିଛନ୍ତି। ୨୮ ଜଣ ଅଧିକାରୀଙ୍କୁ ଏହି କାର୍ଯ୍ୟକ୍ରମରେ ତାଲିମ ଦିଆଯାଇଛି।

### ୨୬ ଆସନରେ ପ୍ରାର୍ଥୀ ଚୂଡ଼ାନ୍ତ କଲା କଂଗ୍ରେସ

ନବରଙ୍ଗପୁର,୧୬।୧(ବି.ପ୍ର.)- ନବରଙ୍ଗପୁର ଜିଲା କଂଗ୍ରେସ ନିର୍ବାଚନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଶ୍ରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୬ ଜିଲା ପରିଷଦ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି। ଅନୁମୋଦନ ପାଇଁ ପ୍ରଦେଶ କଂଗ୍ରେସ କମିଟିକୁ ପ୍ରେରଣ କରାଯାଇଥିବା ମୁନା ତ୍ରିପାଠୀ କହିଛନ୍ତି। ଏହି ବୈଠକରେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସଦନ ନାୟକ, ଭୁଜବଳ ମାଝି, ପିସିସି ସମ୍ପାଦକ କ୍ଷେମରାଜ ବାଘ, ମହିଳା ସଭାନେତ୍ରୀ ପି.ନାଗା ରତ୍ନମ୍, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ଜିଲା ଉପସଭାପତି ଦିଲ୍ଲୀପ ବେହେରା, ନଗର ସଭାପତି ଭୀମ ହରିଜନ, ଯୁବ ନେତା ଇମ୍ରାନ୍ ସରିଫଙ୍କ ସହ ଅନେକ ନେତା ଓ ସମସ୍ତ ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ଆଶାୟୀ ପ୍ରାର୍ଥୀ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ ସାହୁ ପରିଚାଳନା କରିଥିଲେ।

### ଚାଷୀଙ୍କ ଉଜୁଡ଼ା ଫସଲ ବୁଲି ଦେଖିଲେ ବିଧାୟକ

ଉମରକୋଟ, ୧୬।୧(ସ୍ୱ.ପ୍ର.) - କୁଆପଥର ବର୍ଷାରେ ଉଜୁଡି ଯାଇଛି ଫସଲ। ଚାଷୀ ନିଜ ସଞ୍ଚିତ ଧନ ସହ କରଜ କରି ଟଙ୍କା ଆଣି ଫସଲ କରିଥିଲେ। ମକା, ମଟର ଚଣା, ଫୁଲକୋବି ଅତି ସୁନ୍ଦର ଭାବେ ବଢ଼ିଥିଲା। କିନ୍ତୁ ଅଦିନିଆ ବର୍ଷା ଏବଂ କୁଆପଥର ମାଡରେ ସବୁ ଫସଲ ନଷ୍ଟ ହୋଇଯାଇଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଚନ୍ଦ୍ରପୁରୀ ଓ ସ୍ୱର୍ଣ୍ଣପୁରୀ ଗ୍ରାମକୁ ଯାଇ ଚାଷୀଙ୍କ ଜମି ବୁଲି ଦେଖିଛନ୍ତି। ଚାଷୀଙ୍କ ଫସଲ ନଷ୍ଟ ହୋଇଯାଇଛି। ଏହାପରେ ସେ ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଫସଲର କ୍ଷୟକ୍ଷତି ଆକଳନ ସହ ଚାଷୀଙ୍କୁ ଶୀଘ୍ର କ୍ଷତିପୂରଣ ଦିଆଯାଉ ବୋଲି ବିଧାୟକ ଗଣ୍ଡ ଦାବି କରିଥିଲେ।

### ଟ୍ରକ୍-ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବିଷମକଟକ,୧୬।୧(ଡି.ଏନ୍.ଏ.)- ରାୟଗଡା ଜିଲା ବିଷମକଟକ ଥାନା ଅଧୀନ ଏସ୍ଆର ପେଟ୍ରୋଲ ପମ୍ପ ନିକଟରେ ଟ୍ରକ ଓ ବାଇକ୍ ମୁହାଁମୁହିଁ ହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମୁନିଗୁଡା ଥାନା ଡାଲିଆକୁଜି ପଞ୍ଚାୟତ ମାଲି ପୋଗୁଡାର ତୀର୍ଥ କନ୍ଦପାଣି। ଏଥିରେ ହାଟମୁନିଗୁଡା ପଞ୍ଚାୟତ ମାଲି ଶିରିପୁର ଗ୍ରାମର କୁମୁଟି ଟାକ୍ରି ଗୁରୁତର ଅଛନ୍ତି। ତୀର୍ଥ ଓ କନ୍ଦ ଝିଆରିଙ୍କର ବିବାହ ନିମନ୍ତ୍ରଣ ଦେଇ କଲ୍ୟାଣସିଂହପୁରରୁ ଫେରୁଥିଲେ। ଏହି ସମୟରେ ବିଷମକଟକ ଏସ୍ଆର ପେଟ୍ରୋଲ ପମ୍ପ ନିକଟରେ ଟ୍ରକ ସହ ସେମାନଙ୍କ ବାଇକ ମୁହାଁମୁହିଁ ହୋଇଥିଲା। ଏଥିରେ ତୀର୍ଥଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର କୁମୁଟିଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଥିଲେ। ବିଷମକଟକ ପୋଲିସ ଗାଡି ଦୁଇଟି ଜବତ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା କାରୀ ସୁବାଷ କର୍କରା ସୂଚନା ଦେଇଛନ୍ତି।

# ପ୍ରାର୍ଥୀ ଚୟନକୁ ନେଇ ଚାଲିଛି ଅଙ୍କକଷା

ନବରଙ୍ଗପୁର,୧୬।୧(ବି.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ। ଏବେଠୁ ନେତା ଗଡ଼ ଜଗିବା ଆରମ୍ଭ କଲେଣି। ବିଶେଷ ଭାବେ ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ ପଦ ଅକ୍ତିଆର କରି ଅଧ୍ୟକ୍ଷ ପଦ ଦଖଲ ପାଇଁ ଭାଜପା, କଂଗ୍ରେସ ଓ ବିଜେଡି ରଣକୌଶଳ ଆରମ୍ଭ କରିଛନ୍ତି। ବିଜେଡି ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଲମ୍ବା ତାଲିକା ରହିଥିବା ବେଳେ କଂଗ୍ରେସ ୨୬ ପ୍ରାର୍ଥୀଙ୍କ ଚୂଡାନ୍ତ ତାଲିକା ପ୍ରସ୍ତୁତ କରି ରାଜ୍ୟକୁ ପଠାଇଛି। ଭାଜପା ଏବେ ପ୍ରାର୍ଥୀ ଚୟନ କରିବାରେ ବ୍ୟସ୍ତ। ପୂର୍ବରୁ ନବରଙ୍ଗପୁର ଜିଲା କଂଗ୍ରେସର ଗଡ ଭାବେ ପରିଚିତ ଥିଲା। ଏବେ ଆଉ ସେହି ଗଡ ନାହିଁ। ଅନେକ ବରିଷ୍ଠ ନେତାଙ୍କ ବିୟୋଗ ଓ ଦଳର ଟାଣୁଆ ନେତା ପୂର୍ବତନ ଏମ୍ପି ପ୍ରଦୀପ ମାଝୀ ବିଜେଡିରେ ଯୋଗଦେଲେ। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତିନି ଦଳ ମିଶ୍ରଣ ପର୍ବ ମାଧ୍ୟମରେ ଯୋଗ ବିୟୋଗ ଚଳାଇଛନ୍ତି।

୨୦୧୨ ଓ ୨୦୧୭ ନିର୍ବାଚନରେ ବିଜେଡି ବାଜିମାତ କରି ଜିଲା ପରିଷଦ ଆସନ ଅକ୍ତିଆର କରିଥିଲା। ଏଥର ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ଅଧ୍ୟକ୍ଷ ପଦ ରହିଥିବାରୁ ତିନି ଦଳ ମଧ୍ୟ ଲଢେଇ ଜୋରଦାର ହେବ। ଭୋଟର ପ୍ରାର୍ଥୀଙ୍କ ସହ ଦଳକୁ ଦେଖି ତାଙ୍କ ଅଧିକାର ସାବ୍ୟସ୍ତ କରିବେ। ବିଜେଡିରୁ ବରିଷ୍ଠ ନେତା କାଦମ ମାଦାନୀ ଭାଜପାରେ ଯୋଗଦେବା ପରେ ଏହାର କିଛି ପ୍ରଭାବ ଦଳ ଉପରେ ପଡିବ। ସେହିଭଳି ଝରିଗାଁ ନିର୍ବାଚନମଣ୍ଡଳୀରୁ ଅନେକେ ଦଳ ଛାଡି କଂଗ୍ରେସରେ ଯୋଗଦେବା ପରେ

**ଗ୍ରାମୀଣ ରାଜନୀତି ସରଗରମ**

ବିଜେଡି ପାଇଁ କିଛି ଅଡୁଆ ସୃଷ୍ଟି ହେବ। କଂଗ୍ରେସ ଜଙ୍ଗଲ ଜମି ସ୍ୱତ୍ୱାଧିକାର, ଆଦିବାସୀଙ୍କ ମୌଳିକ ସୁବିଧା, ମଦ ବିରୋଧ, ଚାଉଳ ଦୁର୍ନୀତି, ନାରୀ ନିର୍ଯାତନା, ସ୍ୱାସ୍ଥ୍ୟସେବା, ସାର ଯୋଗାଣ ଆଦିକୁ ନିର୍ବାଚନୀ ପ୍ରସଙ୍ଗ କରିବ। ବିଜେଡି ଶ୍ରମିକ, ପଡିକାର୍ଡ ହିତାଧିକାରୀଙ୍କୁ ଆର୍ଥିକ ସହାୟତା, ଆବାସ ମରାମତି ପାଇଁ ସହାୟତା, ବିଜୁ ସ୍ୱାସ୍ଥ୍ୟକାର୍ଡ ଭଳି ଅନେକ ଜନକଲ୍ୟାଣ ଯୋଜନା ଉପରେ ପ୍ରଚାର କରିବ। ରାଇଘର ବ୍ଲକରେ ବ୍ୟକ୍ତିଗତ ପାଇଖାନା ନିର୍ମାଣରେ ୧୦କୋଟି ଟଙ୍କାର ଦୁର୍ନୀତି ଆଣି ବିଜେଡି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ଭାଜପା ଏହାକୁ ସ୍ୱାଗତ କରିବା ସହ କେବଳ ରାଇଘର ବ୍ଲକରେ ନୁହେଁ ଜିଲାରେ ଏଭଳି ଅନେକ ସ୍ଥାନରେ ଦୁର୍ନୀତି ହୋଇଛି ବୋଲି ପାଲଟା ବିଜେଡିକୁ ଟାର୍ଗେଟ କରିଥିଲା। ଜିଲାରେ ବ୍ୟକ୍ତିଗତ ପାଇଖାନା ନିର୍ମାଣରେ ୩ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଭାଜପା କହିଛି। ଦୁଇ ଦଳର ଆରୋପ ପ୍ରତ୍ୟାରୋପରେ କଂଗ୍ରେସ ଫାଇଦା ନେବ ବୋଲି ଜଣାପଡୁଛି। ଭାଜପା କେନ୍ଦ୍ରୀୟ ଯୋଜନା, ଆବାସ ଯୋଜନାରେ ମଧ୍ୟସ୍ଥଙ୍କ ଦ୍ୱାରା ଟଙ୍କା ହଡପ, ଏମଜିଏନଆର୍ଇଜିଏସ୍ରେ ଶ୍ରମିକଙ୍କ ଟଙ୍କା ହଡପ ଘଟଣାକୁ ପ୍ରସଙ୍ଗ କରିବ।

ବିଜେଡିରେ ଜିଲା ପରିଷଦ ଓ ସମିତି ସଭ୍ୟ ପାଇଁ ଆଶାୟୀଙ୍କ ଲମ୍ବା ଧାଡ଼ି ରହିଛି। କୌଣସି ଆଶାୟୀ ଦଳରୁ ଟିକଟ ନ ପାଇଲେ ଭୋଟ ବିଭାଜନ ସମ୍ଭାବନା ରହିଛି। ଦଳ ମଧ୍ୟରେ ନେତାକୁ ନେଇ ଗୋଷ୍ଠୀ କନ୍ଦଳ ମଧ୍ୟ ଭୋଟ ବିଭାଜନର କାରଣ ସାଜିବ। ସେବା ମନୋଭାବ ଓ ପ୍ରତ୍ୟେକ ଗୋଷ୍ଠୀ ସହ ସୁସମ୍ପର୍କ ରହିଥିବା ପ୍ରାର୍ଥୀଙ୍କ ପଲା ଭାରି ରହିବ। ଫେବୃୟାରୀ ୧୬ରୁ ଜିଲାର ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକର ୫ଟି ଜୋନ, ୧୮ରେ ତେନ୍ତୁଲିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକର ୪ ଜିଲାପରିଷଦ ଜୋନ, ୨୦ରେ କୋଷାଗୁମୁଡା ଓ ନବରଙ୍ଗପୁର ବ୍ଲକର ୫ଟି ଜୋନ, ୨୨ରେ ପାପଡାହାଣ୍ଡି ଓ ଡାବୁଗାଁ ବ୍ଲକର ୫ ଜିଲାପରିଷଦ ଜୋନ ପାଇଁ ମତଦାନ ହେବ। ୨୪ ତାରିଖରେ ଉମରକୋଟ ଓ ରାଇଘର ବ୍ଲକରେ ୭ ଜିଲାପରିଷଦ ପାଇଁ ଭୋଟ ହେବ। ଗତ ନିର୍ବାଚନରେ ଉମରକୋଟ ଓ ରାଇଘର ବ୍ଲକରେ ବିଜେଡିକୁ ନିରାଶ ହେବାକୁ ପଡିଥିବା ବେଳେ ଏଠାରେ ୫ମ ପର୍ଯ୍ୟାୟରେ ମତଦାନ ହେବ। ବିଜେଡି ଭାଜପାଗଡ଼କୁ ଅକ୍ତିଆର କରିବାକୁ ଚେଷ୍ଟା କରିବ ବୋଲି ଚର୍ଚ୍ଚା ହେଉଛି।

## ମଣ୍ଡିରୁ ୯୨ କୁଇଣ୍ଟାଲ ଧାନ ଜବତ

ମାଲକାନଗିରି, ୧୬।୧ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ଯୋଗାଣ ବିଭାଗ ଚଢ଼ାଉ କରି ମଣ୍ଡିରୁ ୯୨ କୁଇଣ୍ଟାଲ ଧାନ ଜବତ କରିଛି। ଫଳରେ ଜିଲାରେ ଯେ ମଣ୍ଡି ସୁରୁଖୁରୁରେ ଚାଲିନି ଏହା ସ୍ପଷ୍ଟ ହୋଇଛି। ଜିଲାର ବିଭିନ୍ନ ମଣ୍ଡିରେ ଧାନ ବିକ୍ରି ସମୟରେ ଦଲାଲମାନେ ଉପସ୍ଥିତ ରହୁଥିବା ସୂଚନା ପାଇ ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲେ। ୩ଟି ମଣ୍ଡିରୁ ଚଢାଉ ସମୟରେ ୯୨ କୁଇଣ୍ଟାଲ ଧାନ ଜବତ ହୋଇଛି। ଏହି ଧାନ ବିକ୍ରି କରୁଥିବା ଲୋକେ ଉପଯୁକ୍ତ ପ୍ରମାଣପତ୍ର ଦେଇ ନ ପାରିବାରୁ ଏହି ଧାନ ଜବତ କରାଯାଇଥିବା ରଥ କହିଛନ୍ତି।

## ଯୋଗ ସମିତି ପକ୍ଷରୁ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ



ଦାମନଯୋଡି,୧୬।୧(ଡି.ଏନ.ଏ.)– ଦାମନଯୋଡିସ୍ଥିତ ପତଞ୍ଜଳି ଯୋଗ ସମିତି ପକ୍ଷରୁ 'ଆଜାଦୀ କା ଅମ୍ରିତ ମହୋତ୍ସବ' ପାଳନ ଅବସରରେ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ନାଲକୋ କମ୍ୟୁନିଟି ସେଣ୍ଟରଠାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଯୋଗ ସମିତିର ୧୫ରୁ ଭଉଣୀଭାଇ ଅଂଶଗ୍ରହଣ କରି ସୂର୍ଯ୍ୟ ନମସ୍କାର କରିଥିଲେ। ଯୋଗଶିକ୍ଷକ ଡ. ନିରୋଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାମାଜିକ ଦୂରତା ରକ୍ଷା କରି ଏହା ପାଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରହ୍ମାନନ୍ଦ ସାମଲ, ପ୍ରକାଶ ଦାସ, ଯୋଗେଶ ସେଠୀ, ଭୀମ ରାଓ, ବିଭୁ ଚନ୍ଦନ ପାଣିଗ୍ରାହୀ,ଶାନ୍ତି ଚକ୍ରବର୍ତ୍ତୀ, ଗୌରି ଖିଲ,ଅନିତା ଖରା, ସଂଯୁକ୍ତା ପାତ୍ର, ବନିତା ପ୍ରଧାନ ବିଶ୍ୱ ମୋହିନୀ ସାହୁ, ନମିତା ଚକ୍ରବର୍ତ୍ତୀ, ଡୁମୁନୀ ମୁର୍ମୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଦେଶବ୍ୟାପୀ ଏହି ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ କ୍ରୀଡା ଭାରତୀ ନେତୃତ୍ୱରେ ହୋଇଥିଲା।

# ବର୍ଷାରେ ଗଜା ହେଲା ଶତାଧିକ ବସ୍ତା ଧାନ

ବିଷମକଟକ,୧୬।୧(ଡି.ଏନ୍.ଏ.)



ଜଣେ ଚାଷୀ ବର୍ଷାରେ ଗଜା ହୋଇଥିବା ଧାନ ଦେଖାଉଛନ୍ତି।

ଖରିଫ ଋତୁରେ ଚାଷୀ ଜମିରେ ଫଳାଇଥିବା ଧାନ ମଣ୍ଡିରେ ବିକ୍ରିକରି ଭଲ ଟଙ୍କା ପାଇବାର ଆଶା ରଖିଥିଲେ। ଅଦିନିଆ ବର୍ଷା ଚାଷୀଙ୍କ ଆଶାକୁ ମାଟିରେ ମିଶାଇ ଦେଇଛି। ମଙ୍ଗଳବାରଠାରୁ ହୋଇଥିବା ଲଗାଣ ବର୍ଷାରେ ଜମିରେ ପଡ଼ିଥିବା ଧାନଫସଲ ଭିଜି ଗଜା ହୋଇଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକରୁ ଚାଷୀଙ୍କଠାରୁ ଏଭଳି ଅଭିଯୋଗ ଆସିଛି।

ପାଗ ଶୁଖିଲା ଦେଖି ଅନେକ ଚାଷୀ ଧାନ ଅମଳ କରି ଖଳାରେ ରଖିଛନ୍ତି। ଏହା ମଧ୍ୟରେ ବର୍ଷା ହୋଇଯିବାରୁ ଧାନ ଘୋଡ଼ାଇବା ସମ୍ଭବ ହୋଇ ନ ଥିଲା। ଫଳରେ ଧାନ ଭିଜି ଗଜା ହୋଇଯିବା ସହ ରଙ୍ଗ ବଦଳିଯାଇଛି। ଯେଉଁ ଚାଷୀ ଧାନ କାଟିଛନ୍ତି, ଜମିରେ ପାଣି ଭର୍ତ୍ତି ହୋଇଯିବାରୁ ଧାନ ପାଣିରେ ଭାସୁଥିବା ଅଭିଯୋଗ ହୋଇଛି। ଏବେ ଭିଜା ଧାନ କ'ଣ କରିବେ ସେହି ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଶୁକ୍ରବାର ବିଷମକଟକ ବ୍ଲକ ଚାଟିକଣା, ଡାକୁଲୁଗୁଡ଼ା, ଡୁକୁମ, ବିଷମକଟକ, ହାଟ ମୁନିଗୁଡ଼ା ଭଳି ଅନେକ ପଞ୍ଚାୟତର ଚାଷୀ ତହସିଲଦାର ଶୁଭେନ୍ଦୁ ଜେନାଙ୍କୁ ସାକ୍ଷାତ୍ କରି କ୍ଷୟକ୍ଷତି ବିଷୟରେ ଅବଗତ କରିଥିଲେ। ତେବେ ଚାଷୀଙ୍କ ସମସ୍ୟା ଶୁଣି ସମସ୍ତ ଚାଷୀ ବ୍ୟକ୍ତିଗତ ଭାବେ ନିଜ କ୍ଷୟକ୍ଷତି ସଂକ୍ରାନ୍ତରେ ଲିଖିତଭାବେ ଜଣାଇବାକୁ ତହସିଲଦାର କହିଥିଲେ। କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବା ପରେ କ୍ଷୟକ୍ଷତିର ଆକଳନ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ନିମନ୍ତେ ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ସରକାର ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ସ୍ଥାନରେ ଗୋଦାମ ନିର୍ମାଣ କରିଛନ୍ତି। ବିଷମକଟକ ବ୍ଲକର କେତୋଟି ନିର୍ଦ୍ଦିଷ୍ଟ ସ୍ଥାନରେ ଗୋଦାମ ରହିଛି। ଚାଷୀ ସେଠି ଧାନ ରଖିବା ସମ୍ଭବ ନୁହେଁ। ତେଣୁ ମିଲର୍ସମାନେ ଚାଷୀଙ୍କ ଅମଳ ଧାନକୁ ବର୍ଷା ସମୟରେ ନିଜ ଗୋଦାମ ଗୃହରେ ରଖି ସାହାଯ୍ୟ କରୁଥିଲେ। ଏବେ ଚାଷୀଙ୍କ ଧାନ ରଖିବାକୁ ଏମ୍ଆଇ ଦେବଦତ୍ତ ଲେଙ୍କା ମିଲର୍ସଙ୍କୁ ସମ୍ପୂର୍ଣ୍ଣ ମନା କରିଥିବା ଜଣାପଡ଼ିଛି। ସରକାରୀ ନିୟମ ନ ଥିବା ସେ କହିଛନ୍ତି। ଫଳରେ ଚାଷୀ ସୁରକ୍ଷିତ ସ୍ଥାନରେ ଧାନ ରଖି ନ ପାରି ନଷ୍ଟ ହୋଇଥିବା ଜଣାପଡ଼ିଛି। ଅନେକ ଚାଷୀଙ୍କ ଧାନ ମଣ୍ଡିରେ ବିକ୍ରି ପାଇଁ ଟୋକନ ଫେବୃୟାରୀ, ମାର୍ଚ୍ଚ ପାଇଁ ଆସିଛି। ଏବେ ଚାଷୀ ଧାନ କେଉଁଠି ରଖିବେ ଚିନ୍ତାର ବିଷୟ ହୋଇଥିବା ଅଞ୍ଚଳର ଜି. ସୁବାରାଓ, ବାବୁଲା ପୂଜାରୀ, ଜି. ପ୍ରଦୀପ ଗୁଡୁଲା, କ୍ରିଷ୍ଣା ରାଓଙ୍କ ସମେତ ଅନେକ ଚାଷୀ ପ୍ରକାଶ କରିଛନ୍ତି।

# ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ

ପଟ୍ଟାଙ୍ଗୀ,୧୬।୧(ଡି.ଏନ.ଏ.)

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ତାରିଖ ଘୋଷଣା କରିବା ପରେ ସବୁ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲା ଓ ବ୍ଲକ ପ୍ରଶାସନ ମଧ୍ୟ ପଛରେ ପଡିନାହିଁ। ନିର୍ବାଚନ କିପରି ସୁରୁଖୁରୁରେ ପରିଚାଳନା ଲାଗି ଜିଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। କୋରାପୁଟ ଜିଲାରେ ରହିଥିବା ସୀମାନ୍ତ ବ୍ଲକ ଛତିଶଗଡ଼ ସୀମାନ୍ତ କୋଟପାଡ, ଆନ୍ଧ୍ର ସୀମାନ୍ତ ନାରାୟଣପାଟଣା, ବନ୍ଧୁଗାଁ, ନନ୍ଦପୁର ଓ ପଟ୍ଟାଙ୍ଗୀ ବ୍ଲକ ଗୁଡିକରେ ନିର୍ବାଚନ ପରିଚାଳନା ଲାଗି ଜିଲା ପ୍ରଶାସନ ପଦକ୍ଷେପ ନେଇଛି। କେହି ବିଶୃଙ୍ଖଳା ସୃଷ୍ଟି କଲେ କଡା ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏପରି ସ୍ଥିତିରେ ଜିଲାର ପଟ୍ଟାଙ୍ଗୀ ବ୍ଲକ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କୋଟିଆ ଉପରେ ସମସ୍ତଙ୍କ ନଜର ରହିଛି। ଏହି ପଞ୍ଚାୟତକୁ ବାଦ ଦେଲେ ସୁଙ୍କି, ପେଟୁ। ଅମ୍ବାବାଲି, ତଳଗୋଲୁର, ସମ୍ବାଇ, ନୂଆଗାଁ, ରାଲେଗଡା ପଞ୍ଚାୟତଗୁଡ଼ିକ ଆନ୍ଧ୍ର ସୀମାନ୍ତରେ ରହିଥିବାରୁ ଏହ ପଞ୍ଚାୟତର ଅନେକ ଗ୍ରାମର ଭୋଟରଙ୍କୁ ଆନ୍ଧ୍ର ନିଜ ଭୋଟର ପରିଚୟ ଦେଇ ଭୋଟ ହାତେଇ ନେଇଛି। ଓଡ଼ିଶାର ପଞ୍ଚାୟତ ନିର୍ବାଚନରେ ଯେପରି ଭୋଟରମାନେ ପ୍ରଭାବିତ ନ ହେବେ ସେଥିପ୍ରତି ମଧ୍ୟ ଜିଲା ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ରହିଛି ବୋଲି ପୂର୍ବତନ ଏମ୍ପି ଜୟରାମ ପାଙ୍ଗି ଏବଂ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ କହିଛନ୍ତି। ନିର୍ବାଚନ ପ୍ରକ୍ରିୟା ପରିଚାଳନା ପାଇଁ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକର ୧୪ଟି ପଞ୍ଚାୟତ ପାଇଁ ପଞ୍ଚାୟତ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇସାରିଲାଣି। ପିଇଓ ଏବଂ ଜିଆରଏସମାନେ ଉକ୍ତ ନିର୍ବାଚନ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ବିଡ଼ିଓ ସୌମ୍ୟସାର୍ଥକ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୧୭ରୁ ୨୧ପର୍ଯ୍ୟନ୍ତ ସରପଞ୍ଚ ଏବଂ ୱାର୍ଡସଭ୍ୟ ପାଇଁ ନାମାଙ୍କନପତ୍ର ଦାଖଲ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଛି। ସମିତିସଭ୍ୟ ପାଇଁ ବ୍ଲକ ଓ ଜିଲା ପରିଷଦ ସଭ୍ୟ ପାଇଁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିକରିପାରିବେ। ୨୨ ତାରିଖ ନାମାଙ୍କନପତ୍ର ଯାଞ୍ଚ ଏବଂ ୨୨ ରୁ ୨୫ ମଧ୍ୟରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ ପଟ୍ଟାଙ୍ଗୀ ବ୍ଲକର ୧୪ଟି ପଞ୍ଚାୟତରେ ୪୬ହଜାର ୭୨୬ ଭୋଟର ରହିଛନ୍ତି।

## କଂଗ୍ରେସ ପକ୍ଷରୁ ଘୋଷିତ ଜିଲା ପରିଷଦ ପ୍ରାର୍ଥୀ ତାଲିକା

ଜୟପୁର,୧୬।୧(ନି.ପ୍ର.)

| ବ୍ଲକ | ପ୍ରାର୍ଥୀ ତାଲିକା |
|---|---|
| କୁନ୍ଦୁରା(୧) | ଲକ୍ଷ୍ମୀକାନ୍ତ ପଟ୍ଟନାୟକ |
| କୁନ୍ଦୁରା (୨) | ଲକ୍ଷ୍ମୀ ମିନରବାଲିଆ |
| ବୋରିଗୁମ୍ମା (୧) | ପ୍ରଦୀପ ମାଝି |
| ବୋରିଗୁମ୍ମା(୨) | ପଦ୍ମାବତୀ ହରିଜନ |
| ବୋରିଗୁମ୍ମା(୩) | ନରସିଂହ ଶତପଥୀ |
| କୋଟପାଡ | ଦୃପତ ସୋମରଥ |
| ବେପାରିଗୁଡା(୧) | ଧନିଆ ହରିଜନ |
| ବେପାରିଗୁଡା(୨) | ମଣି ଜାନୀ |
| ଜୟପୁର (୧) | ସାଗରିକା ପାଢୀ |
| ଜୟପୁର (୨) | ଜୟନ୍ତୀ ପାନକା |
| ଜୟପୁର (୩) | ଅମ୍ବିକା ପାତ୍ର |
| କୋରାପୁଟ (୧) | କୃଷ୍ଣ ମାଝି |
| କୋରାପୁଟ (୨) | ମିହିର କୁଳଦୀପ |
| ଲମତାପୁଟ(୧) | ଗୀତାଞ୍ଜଳି ମହକା |
| ଲମତାପୁଟ(୨) | ପୂର୍ଣ୍ଣଚନ୍ଦ୍ର ପାଙ୍ଗୀ |
| ନନ୍ଦପୁର (୧) | ଲିନା ମଲ୍ଲିକ |
| ନନ୍ଦପୁର(୨) | ମିତୁଲା ବାରଗମ |
| ପଟ୍ଟାଙ୍ଗୀ (୧) | ଟିକାଇ ଗୋମେଲ |
| ପଟ୍ଟାଙ୍ଗୀ(୨) | ତ୍ରିନାଥ ପାଙ୍ଗୀ |
| ସେମିଳିଗୁଡା(୧) | ଯୋଶଦା ଖିଲ |
| ସେମିଳିଗୁଡା(୨) | ମୋହନ ଜାନୀ |
| ସେମିଳିଗୁଡା(୩) | ଧନଞ୍ଜୟ ଟାକିଲିଆ |
| ଲକ୍ଷ୍ମୀପୁର(୧) | ହିଙ୍ଗୁ ସାନ୍ତା |
| ଲକ୍ଷ୍ମୀପୁର(୨) | ପିନାକୀ ହିମିରିକା |
| ନାରାୟଣପାଟଣା | ରମ୍ଭା ସିରିକା |
| ବନ୍ଧୁଗାଁ(୧) | ବୁଡି ବିଡିକା |
| ବନ୍ଧୁଗାଁ(୨) | ଗୁମ୍ପା କାଡରକା |
| ଦଶମନ୍ତପୁର | ଧନପତି ସାନ୍ତା |

## ମାନସିକ ଦୁଶ୍ଚିନ୍ତାରୁ ଯୁବତୀଙ୍କ ଆତ୍ମହତ୍ୟା

କୋରାପୁଟ,୧୬।୧(ସ୍ୱ.ପ୍ର.)

କୋରାପୁଟ ପୌରାଞ୍ଚଳର ଡିଏନକେ ଅଞ୍ଚଳରେ ରହୁଥିବା ଜଣେ ଯୁବତୀ ସୋମବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ସାଶ୍ୱତୀ ମହାପାତ୍ର। ମାନସିକ ଦୁଶ୍ଚିନ୍ତାରୁ ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଖବର ପାଇ କୋରାପୁଟ ଟାଉନଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। ଆତ୍ମହତ୍ୟା କରିଥିବା ଯୁବତୀଙ୍କ ସ୍ୱାମୀ ସାଗର ମହାପାତ୍ର ଜିଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିବା ଜଣାପଡିଛି।

## ଛାତ୍ର ନିଖୋଜ ନେଇ ଥାନାରେ ଏତଲା

କୋରାପୁଟ,୧୬।୧(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଅନ୍ତର୍ଗତ ବାଡାମପୁଟ ଗ୍ରାମର ଜଣେ ଯୁକ୍ତ ୩ କଳା ଛାତ୍ର ଗତ ୧୩ରୁ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ବ୍ଲକର ମହାଦେଇପୁଟ ପଞ୍ଚାୟତର ବାଡାମପୁଟ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ (୨୪) ଗତ ୧୩ରେ ନିଜ ବାଇକ (ଓଆର୧୦-ଏଚ-୩୧୯୨)ରେ କୌଣସି ସ୍ଥାନକୁ ଯାଇ ବର୍ତ୍ତମାନ ଯାଏ ଘରକୁ ଫେରିନଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସେ ସେମିଳିଗୁଡା ମହାବିଦ୍ୟାଳୟରେ ଯୁକ୍ତ ତିନି ଶେଷ ବର୍ଷର ଛାତ୍ର ଥିଲେ।

## କୋରାପୁଟ ମ୍ୟୁନିସିପାଲଟି ଜିମନା ଜିମର ନୂଆ କର୍ମକର୍ତ୍ତା

କୋରାପୁଟ,୧୬।୧(ସ୍ୱ.ପ୍ର.)

କୋରାପୁଟ ମୁନିସପାଲଟି ଜିମନାଜିମର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ଭବାନୀ ଶଙ୍କର ମିଶ୍ର ସମ୍ପାଦକ, ଉପସଭାପତି ଭାବେ ଶକ୍ତିପଣ୍ଡା ଓ ଲକ୍ଷ୍ମଣ ସୁନା, ସହକାରୀ ସମ୍ପାଦକ ଭାବେ ସତ୍ୟ ପାଣି, କୋଷାଧ୍ୟକ୍ଷ ଭାବେ ରମେଶ ଚନ୍ଦ୍ର ପଲାଇ ନିର୍ବାଚିତ ହୋଇଛନ୍ତି ।

# ବଣ୍ଡାଘାଟିରେ ନୂତନ ହାଟ ଉଦ୍‌ଘାଟିତ

ମାଲକାନଗିରି,୧୬।୧(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡା ଘାଟିରେ ୩୫ ବଣ୍ଡା ଲୋକଙ୍କ ସୁବିଧା ପାଇଁ ଏକ ନୂତନ ହାଟ ବସିଛି। ଏହା ଅଣ୍ଡରାହାଲ ପଞ୍ଚାୟତଠାରୁ ୩ କିମି ଦୂରରେ ରହିଛି। ଏହାଦ୍ୱାରା କାଡାଙ୍ଗଗୁଡା ଲୋକେ ଉପକୃତ ହେବେ। ଏହି ହାଟ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବିଏସଏଫ ୬୫ ବାଟାଲିୟନର ଟିଏନ୍ଏସ୍ ରେଡ୍ଡି, ଖଇରପୁଟ ଆଇଆଇସି, ସରପଞ୍ଚ ସୋମନାଥ ସିସା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିମ୍ବ କିର୍ଷାନି, ବାଲିପାଟ ଯୁବକ ସଂଘ ସଭାପତି ବୁଦା ସିସାଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଏହି ହାଟଦ୍ୱାରା ଆଖପାଖ ଅଞ୍ଚଳର ଲୋକେ ଉପକୃତ ହେବେ ବୋଲି ବିଧାୟକ ବାକା କହିଛନ୍ତି। ହାଟ ନ ଥିବା ହେତୁ ପୂର୍ବରୁ ଲୋକଙ୍କୁ ବିଭିନ୍ନ ସାମଗ୍ରୀ କ୍ରୟ ଲାଗି ୨୫/୩୦ କିମି ଦୂରକୁ ଯାଇ ନିଜ ଆବଶ୍ୟକ ସାମଗ୍ରୀ କ୍ରୟ କରୁଥିଲେ। ହାଟ ଉଦ୍‌ଘାଟିତ ହେବାରୁ ଏହିସମସ୍ୟା ଏବେ ଦୂର ହୋଇଛି।



ହାଟରେ ବେପାରୀମାନେ ବ୍ୟବସାୟ କରୁଛନ୍ତି ।

# ଆଜିଠୁ ନାମାଙ୍କନ ପତ୍ର ଦାଖଲ

ଗୁଣପୁର,୧୬।୧(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାରରୁ ପ୍ରାର୍ଥୀପତ୍ର ଦାଖଲ ପକ୍ରିୟା ଆରମ୍ଭ ହେବ। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ପର୍ଯ୍ୟନ୍ତ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପା ନିଜ ପ୍ରାର୍ଥୀ ଚୂଡ଼ାନ୍ତ କରି ନାହାନ୍ତି। ଗତ ନିର୍ବାଚନରେ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ଗୁଣପୁର 'କ' ଜୋନକୁ କଂଗ୍ରେସର ଲକ୍ଷ୍ମୀ ଶବର ହାତେଇ ଥିଲେ। ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିବା 'ଖ' ଜୋନରେ ବିଜେଡିର ଅଶ୍ୱିନୀ ଗମାଙ୍ଗ ବିଜୟୀ ହୋଇଥିଲେ। ଚଳିତ ବର୍ଷ ଗୁଣପୁର 'କ' ଜୋନ ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିବାବେଳେ 'ଖ' ଜୋନ ମହିଳାଙ୍କ ପାଇଁ ରହିଛି। 'ଖ' ଜୋନରେ ସାଧାରଣ ବର୍ଗର ମହିଳା ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥିରେ ଲଢେଇ ରୋମାଞ୍ଚକର ହେବ ବୋଲି ଚର୍ଚ୍ଚା ହେଉଛି। ଗୁଡାରୀ ଏବଂ ଚନ୍ଦ୍ରପୁର ପାଇଁ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଚୁଡାନ୍ତ ହୋଇଛି। ଅନ୍ୟ ବ୍ଲକ ପାଇଁ ପ୍ରାର୍ଥୀ ନାମ ଚୟନ ଚାଲିଥିବା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ କହିଛନ୍ତି। ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ ହେବ। ସହକାରୀ ଜିଲାପାଳ ରାଜେନ୍ଦ୍ର ଚୌଧୁରୀ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇବେ। ସେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଗ୍ରହଣ କରିବେ। ଗୁଣପୁରଠାରେ ଗୁଣପୁର, ପଦ୍ମପୁର, ରାମନାଗୁଡା, ବିଷମକଟକ, ମୁନିଗୁଡାର ଦୁଇଟି ଲେଖାଏ ଏବଂ ଚନ୍ଦ୍ରପୁର ଓ ଗୁଡାରୀର ଗୋଟିଏ ଲେଖାଏ ଏପରି ମୋଟ ୧୨ ଜିଲା ପରିଷଦ ସଭ୍ୟ ପାଇଁ ନାମଙ୍କନ ପତ୍ର ଦାଖଲ ହେବ। ସରପଞ୍ଚ ପ୍ରାର୍ଥୀମାନଙ୍କ ନାମାଙ୍କନ ପତ୍ର ଦାଖଲ ପଞ୍ଚାୟତ କାର୍ଯ୍ୟାଳୟ ନିର୍ବାହୀ ଅଧିକାରୀ ଏବଂ ସମିତି ସଭ୍ୟ ନାମାଙ୍କନ ପତ୍ର ବିଡିଓଙ୍କ ନିକଟରେ ଦାଖଲ ହେବ।

# ଶାସକ ଦଳର ଦୁର୍ନୀତିକୁ ନେଇ କଂଗ୍ରେସ ପଞ୍ଚାୟତ ନିର୍ବାଚନ ଲଢ଼ିବ

ଜୟପୁର, ୧୬।୧(ନି.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ ସବୁ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ନାମାଙ୍କନପତ୍ର ଦାଖଲ ହେବାର ଅଛି। ଏହି ଅବସରରେ କୋରାପୁଟ ଜିଲା କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପଠାରେ ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଉପସ୍ଥିତ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସେ କହିଥିଲେ ଯେ, ବିଜେଡି ସରକାର ରାଜ୍ୟରେ ବେକାରି ଓ ଦାଦନ ସମସ୍ୟା ବଢାଇଛି। ଗ୍ରାମାଞ୍ଚଳ ଲୋକେ ରୋଜଗାର ଆଶାରେ ଆନ୍ଧ୍ର, ଛତିଶଗଡ଼ ଯାଉଛନ୍ତି। ଗ୍ରାମାଞ୍ଚଳରେ ଦୁର୍ନୀତି ବଢିଛି। ଏହାକୁ ପ୍ରସଙ୍ଗ କରି କଂଗ୍ରେସ ଏହି ନିର୍ବାଚନ ଲଢିବ।

ସେ ସୂଚନା ଦେଇ କହିଥିଲେ ଯେ, ବିଜେଡି ଓ ଭାଜପାର ଅର୍ଥବଳ ଏବଂ ବାହୁବଳ ରହଛି। ମାତ୍ର କଂଗ୍ରେସ ଉପରେ ଲୋକଙ୍କ ଭରସା ରହିଛି। ଜିଲାର ୨୯ଟି ଜିଲା ପରିଷଦ ଜୋନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବା ସେ ସୂଚନା ଦେଇଥିଲେ। ଏହାକୁ ଅନୁମୋଦନ ଲାଗି ପିସିସି ସଭାପତିଙ୍କ ପାଖକୁ ପଠାଯାଇଛି । ଏହି ଅବସରରେ କଂଗ୍ରେସର ଜିଲା ସୋସିଆଲ ମିଡିଆ ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ମହାପାତ୍ର, ସୋସିଆଲ ମିଡିଆ କୋଅର୍ଡିନେଟର ରାକେଶ ସାହୁ, ଜଗଦୀଶ ବାଗ, ଜୟପୁର ବିଧାନସଭା ଯୁବ କଂଗ୍ରେସ ସଭାପତି ରମେଶ ରାଓଙ୍କୁ ବିଧାୟକ ବାହିନୀପତି ଓ ସଭାନେତ୍ରୀ ମୀନାକ୍ଷୀ ବାହିନିପତି ସମ୍ମାନିତ କରିଥିଲେ। ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ





ବୈଠକରେ ଉପସ୍ଥିତ ନେତା, କର୍ମୀ।

**କଂଗ୍ରେସର ପଞ୍ଚାୟତ ନିର୍ବାଚନୀ ବୈଠକ**

ବ୍ଲକସ୍ତରୀୟ, ନିର୍ବାଚନ ମଣ୍ଡଳୀସ୍ତରୀୟ ଓ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। କଂଗ୍ରେସର ବରିଷ୍ଠ ନେତାମାନେ ଏହି କମିଟିରେ ରହିବେ । କୋଭିଡ୍ ନିୟମକୁ ମାନି ପ୍ରଚାର କରିବାକୁ କର୍ମୀ ଓ ନେତାଙ୍କୁ କୁହାଯାଇଛି । ଏହି ବୈଠକରେ ବିନୋଦ ମହାପାତ୍ର, କୃଷ୍ଣ ନେପାକ, ଦୁର୍ଗା ଶଙ୍କର ସାହୁ, ରାମ ପାଢୀ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ମଦନ ମୋହନ ନାୟକ, ଶଶୀଭୂଷଣ ପାତ୍ର, ଜିଲା ମହିଳା ସଭାନେତ୍ରୀ ନଳିନୀ ରଥ, ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ନରି ମହାନ୍ତି, ନିହାର ବିଷୋୟୀ, ବସନ୍ତ ନାୟକ, ଦୁର୍ଗା ଶର୍ମା, ଭବାନୀ ଶଙ୍କର ରଥ ପ୍ରମୁଖ ଉପସ୍ଥିତ ଥିଲେ।

